# ମଣିଗ୍ରୁପର ବାସଗୃହ ଯୋଜନା 'ମଣି ତିରୁମାଲା' ଲୋକାର୍ପିତ




।।ପ୍ରଭାନ୍ୟୁଜ୍ ।। ଭୁବନେଶ୍ୱର, ୮।୪ : ଭୁବନେଶ୍ୱର ନନ୍ଦନକାନନ ରାସ୍ତାରେ ୧.୨ ନିୟୁତ ବର୍ଗ ଫୁଟର ମଣି ତିରୁମାଲା ବାସଗୃହ ଯୋଜନା ମଣିଗ୍ରୁପର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ସଞ୍ଜୟ ଝୁନ୍‌ଝୁନ୍‌ୱାଲାଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି ।

ଏହି ବିଶାଳ ବାସଗୃହ ଯୋଜନା ୧୪ ତାଲା ବିଶିଷ୍ଟ ୧୧ଟି ଟାୱାରରେ ବିଭାଜିତ । ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ତଥା ବିକାଶମୁଖୀ ସୂଚନା ପ୍ରଯୁକ୍ତି ବିଦ୍ୟାର ପେଣ୍ଠସ୍ଥଳିରେ ଏହା ଅବସ୍ଥିତ ହୋଇଛି । ଏହି ଆବାସିକ ବହୁତଳ ବିଶିଷ୍ଟ ଅଟ୍ଟାଳିକାରେ ୭୫ଭାଗ ପାର୍କିଂ ସ୍ଥାନ ସହିତ ଅତ୍ୟାଧୁନିକ ଯୁଗର ସବୁ ସୁବିଧା ସୁଯୋଗ ରହିଛି ବୋଲି ଗ୍ରୁପ ପକ୍ଷରୁ କୁହାଯାଇଛି । ଏଥିରେ ୮୦ଭାଗ ଫ୍ଲାଟ ପାଇଁ ତିନି ଦିଗରେ ଖୋଲାସ୍ଥାନ, ପାଣି ବିଶୋଧନ ପ୍ଲାଣ୍ଟ, ପ୍ରଶସ୍ତ କାର ପାର୍କିଙ୍ଗ ବ୍ୟବସ୍ଥା, ଉଚ୍ଚମାନର ସୁରକ୍ଷା ବ୍ୟବସ୍ଥା, ନିଆଁ ଏବଂ ଭୂମିକମ୍ପ ସୁରକ୍ଷା ସହ ପ୍ରତି ଘର ଚାକରମାନଙ୍କ ପାଇଁ ଅଲଗା ଅଲଗା ରହିବା ବ୍ୟବସ୍ଥା ରହିଛି । ପିଲାମାନଙ୍କ ପାଇଁ ଖେଳ ଗୃହ, ଷ୍ଟିମ ବାଥ ବ୍ୟବସ୍ଥା ସହ ସ୍ପା, ସୁଇମିଙ୍ଗ ପୁଲ, ଧ୍ୟାନ ଗୃହ, ଜିମ୍ ଓ କଫିର ପାନ କରିବା ବ୍ୟବସ୍ଥା ରହିଛି । ଏହି ଅବସରରେ ଗ୍ରୁପର ଇଂଜିନିୟରିଂ ଡିଭିଜନ ସଭାପତି ମାର୍କ ମାର୍ଶଲ , ମାର୍କେଟିଂ ମୁଖ୍ୟ ସୁଦର୍ଶନା ଗାଙ୍ଗୁଲି ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ, ପୂର୍ବ ଭାରତର ଏହି ରିଏଲ ଇଷ୍ଟେଟ ଗ୍ରୁପ ୫୦ଟି ସ୍ଥାନରେ ୫ ନିୟୁତ ବର୍ଗ ଫୁଟର ଆବାସିକ ଏବଂ ବ୍ୟବସାୟିକ ଗୃହ ନିର୍ମାଣ କରିସାରିଛି । ଏହାଛଡ଼ା ବିଦେଶୀ ବ୍ୟବସାୟିକ ଯାତ୍ରୀଙ୍କୁ ରହିବାର ବନ୍ଦୋବସ୍ତ ପାଇଁ କଲିକତା ଇଏମ ବାଇପାସ ତଥା ସିଲିଗୁଡି ଠାରେ ୧୦୦ କୋଠରୀ ବିଶିଷ୍ଟ କୋର୍ଟ ୟାର୍ଡ ନିର୍ମାଣ ଖୁବ୍ ଶୀଘ୍ର ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି ।